ବର୍ଷ-୪ ▪ ସଂଖ୍ୟା-୩୨

ଅଗଷ୍ଟ ୨୦୨୩

ଓଡ଼ିଶା-ମୋ ପରିବାର

ନ୍ୟୁଜ୍ ଲେଟର

ଓଡ଼ିଶା ମୋ ପରିବାର All for each, each for all

## ଭିତର ପୃଷ୍ଠାରେ


- ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କୁ ସହାୟତା ପ୍ରଦାନ
- ହେଲ୍ପଡେସ୍କ ସହଯୋଗୀଙ୍କ ସହାୟତାରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର
- ମୃତଦେହକୁ ଜନ୍ମମାଟିକୁ ସ୍ଥାନାନ୍ତର ପାଇଁ ସହାୟତା

ପୃଷ୍ଠା-୨

- କୋରାପୁଟରୁ ନବରଙ୍ଗପୁରକୁ ମୃତଦେହ ସ୍ଥାନାନ୍ତର
- ପ୍ରଶାନ୍ତଙ୍କ ମୃତଦେହ ହସ୍ପିଟାଲରୁ ନିଜ ଗାଁକୁ ସ୍ଥାନାନ୍ତର

ପୃଷ୍ଠା-୩

- ସର୍ପାଘାତ ରୋଗୀଙ୍କୁ ସହାୟତା; ସୁସ୍ଥହୋଇ ଫେରିଲେ ଘରକୁ
- ମୃତଦେହ ସ୍ଥାନାନ୍ତର ପାଇଁ ସହାୟତା ପ୍ରଦାନ

ପୃଷ୍ଠା-୪

- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୫

- ଓଡ଼ିଶା-ମୋ ପରିବାର ଆନୁକୁଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର

ପୃଷ୍ଠା-୮

- ଆପାତକାଳରେ ରକ୍ତଦାନ

ପୃଷ୍ଠା-୯

- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୦

- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ପୃଷ୍ଠା-୧୧

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ଅଗଷ୍ଟ ମାସର ଶ୍ରେଷ୍ଠ କର୍ମଚାରୀ
  ଅଗଷ୍ଟ ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

ପୃଷ୍ଠା-୧୨

- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୩

ପୃଷ୍ଠା-୨୦ ପର୍ଯ୍ୟନ୍ତ





ଭୁବନେଶ୍ୱର ବିମାନବନ୍ଦରରେ ମୃତଶରୀର ପହଞ୍ଚିବା ପରେ

# ଆଫ୍ରିକାରୁ ଓଡ଼ିଶା ଫେରିଲା ବଳରାମଙ୍କ ମୃତଶରୀର; ଭୁବନେଶ୍ୱରରୁ ଖଲ୍ଲିକୋଟ ସ୍ଥାନାନ୍ତର

## ଯାତାୟାତ ସହାୟତା ଯୋଗାଇ ଦେଲା ଓଡ଼ିଶା-ମୋ ପରିବାର

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ସହରର ବାସିନ୍ଦା ବଳରାମ ପ୍ରଧାନ ଗତ ୧ ବର୍ଷ ପୂର୍ବରୁ ଆଫ୍ରିକାସ୍ଥିତ ଇଥିଓପିଆରେ କାର୍ଯ୍ୟ କରୁଥିଲେ। ଗତ ଅଗଷ୍ଟ ୪ତାରିଖରେ ସେ ଡ୍ୟୁଟିରେ ଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ନିଜ କୋଠରୀକୁ ଫେରିଗଲେ ଏବଂ ତାଙ୍କ ସହକର୍ମୀଙ୍କ ସହାୟତାରେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

ଦୁର୍ଭାଗ୍ୟବଶତଃ, ସେ ହୃଦଘାତ ହେତୁ ପରଦିନ ଅର୍ଥାତ ଅଗଷ୍ଟ ୫ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ହଠାତ୍, ବଳରାମଙ୍କ ମୃତ୍ୟୁରେ ପରିବାରବର୍ଗ ଭାଙ୍ଗି ପଡ଼ିଥିଲେ ଓ ଶେଷଥର ପାଇଁ ଦେଖିବାକୁ ବ୍ୟାକୁଳ ହେଉଥିଲେ । ଇଥିଓପିଆରୁ ଭୁବନେଶ୍ୱର ସ୍ଥାନାନ୍ତର କରିବା ପାଇଁ କମ୍ପାନୀ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲା।କିନ୍ତୁ ଭୁବନେଶ୍ୱରରୁ ଖଲ୍ଲିକୋଟସ୍ଥିତ ନିଜ ଗ୍ରାମକୁ ମୃତଦେହ ସ୍ଥାନାନ୍ତର କରିବା ପାଇଁ ପରିବାରବର୍ଗ ସ୍ଥାନୀୟ ବିଧାୟିକା ଶ୍ରୀମତୀ ସୂର୍ଯ୍ୟମଣି ବୈଦ୍ୟଙ୍କର ସହାୟତା ଲୋଡ଼ିଥିଲେ । ଶ୍ରୀମତୀ ବୈଦ୍ୟ ଖବର ପାଇବା ପରେ ଓଡ଼ିଶା- ମୋ ପରିବାରକୁ ଜଣାଇଥିଲେ।

ଘଟଣା ସମ୍ପର୍କରେ ଖବର ପାଇବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା । ମୃତଦେହ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇ ମୃତଦେହକୁ ନିଜ ଜନ୍ମସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା।






ଓଡ଼ିଶା-ମୋ ପରିବାର ଆନୁକୁଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ପୃ-୮

# ଦୁର୍ଘଟଣାଗ୍ରସ୍ତ ପୀଡ଼ିତଙ୍କୁ ସହାୟତା ପ୍ରଦାନ

କେନ୍ଦ୍ରାପଡା ଜିଲ୍ଲାର ୨୨ବର୍ଷିୟ ବାସିନ୍ଦା ବ୍ରିଜେଶ ନାୟକ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ଜରୁରୀକାଳୀନ ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା କ୍ରମଶଃ ବିଗିଡ଼ିବାରୁ ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦିଆଯାଇଥିଲା।

ଦୁର୍ଭାଗ୍ୟବଶତଃ, ପରିବାର ବର୍ଗ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସାର ଲାଭ ପାଇବା ପାଇଁ ନାମ ପଞ୍ଜୀକରଣ କରାଇନଥିଲେ ଏବଂ ଅର୍ଥାଭାବ ହେତୁ ଅସହାୟ ହୋଇ ପଡ଼ିଥିଲେ। ଘଟଣା ସମ୍ପର୍କରେ ଖବର ପାଇବା ପରେ ବିଧାୟିକା ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲାଙ୍କ ପ୍ରତିନିଧି ଶ୍ରୀ ସଞ୍ଜୟ ଅଗ୍ରୱାଲା ବିଡିଓଙ୍କ ସହ ଆଲୋଚନା କରି ପରିବାର ସଦସ୍ୟଙ୍କ ନାମ ରାସନ କାର୍ଡରେ ଅନ୍ତର୍ଭୁକ୍ତ କରାଇଥିଲେ ।

ଏହା ପରେ ବ୍ରିଜେଶଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ଯେଉଁଠାରେ ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସିତ ହୋଇଥିଲେ। ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ରଶ୍ମୀ ପ୍ରଧାନ, ରୋଗୀଙ୍କୁ ଚିକିତ୍ସା ଆରମ୍ଭରୁ, ସୁସ୍ଥ ହୋଇ ଘରକୁ ଫେରିବା ପର୍ଯ୍ୟନ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ। ଉପଯୁକ୍ତ ସମୟରେ ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେଇଥିବାରୁ ପରିବାରବର୍ଗ ବିଧାୟିକା ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲା ଏବଂ ଓଡିଶା-ମୋ ପରିବାରକୁ କୃତଜ୍ଞତା ଜ୍ଞାପନ କରିଥିଲେ ।



ଶ୍ରୀ ସଞ୍ଜୟ ଅଗ୍ରୱାଲା ରୋଗୀଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଛନ୍ତି

## ହେଲ୍ପଡେସ୍କ ସହଯୋଗୀଙ୍କ ସହାୟତାରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଡେଙ୍ଗୁରେ ପୀଡିତ ମୟୂରଭଞ୍ଜର ୫୨ବର୍ଷିୟା ମାଙ୍କି ହେମ୍ବ୍ରମଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ଡାକ୍ତରଖାନାରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ ରୋଗୀ ତଥା ପରିବାରକୁ ଚିକିତ୍ସା ସମୟରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ। ଦୁର୍ଭାଗ୍ୟବଶତଃ, ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ଏବଂ ଆର୍ଥିକ ଚାପରେ ଥିବା ଶୋକସନ୍ତପ୍ତ ପରିବାରବର୍ଗ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଠାରୁ ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ସହାୟତା ଲୋଡ଼ିଥିଲେ।

ଶ୍ରୀ ମାରାଣ୍ଡିଙ୍କଠାରୁ ସୂଚନା ପାଇବା ପରେ, ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ପରିବାରବର୍ଗଙ୍କୁ ଆବଶ୍ୟକୀୟ ସାହାଯ୍ୟ କରିବା ସହିତ ମୃତଦେହକୁ ଡାକ୍ତରଖାନାରୁ ମୟୂରଭଞ୍ଜ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା ମଧ୍ୟ କରିଥିଲେ।

## ମୃତଦେହକୁ ଜନ୍ମମାଟିକୁ ସ୍ଥାନାନ୍ତର ପାଇଁ ସହାୟତା

କଳାହାଣ୍ଡି ଜିଲ୍ଲାର ୨୫ବର୍ଷିୟା ମହିଳା ସରସ୍ୱତୀ ନାୟକଙ୍କୁ ବିଶାଖାପାଟଣାସ୍ଥିତ ମହାତ୍ମା ଗାନ୍ଧୀ କ୍ୟାନ୍ସର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ରୋଗୀ ଏବଂ ପରିବାରକୁ ସମସ୍ତ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ଦୁର୍ଭାଗ୍ୟବଶତଃ, ସରସ୍ୱତୀ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଏତେ କମ୍ ବୟସରେ ନିଜ ଝିଅକୁ ହରାଇ ପରିବାରବର୍ଗ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲେ ଓ ଆର୍ଥିକ ଚାପରେ ଥିବାରୁ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଓଡିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ। ଏହାପରେ ପ୍ରକାଶ ଡାକ୍ତରଖାନାରୁ କଳାହାଣ୍ଡିସ୍ଥିତ ତାଙ୍କ ଗ୍ରାମକୁ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# କୋରାପୁଟରୁ ନବରଙ୍ଗପୁରକୁ ମୃତଦେହ ସ୍ଥାନାନ୍ତର


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଯକୃତ ରୋଗରେ ପୀଡ଼ିତ ନବରଙ୍ଗପୁରର ୫୦ ବର୍ଷିୟା ମହିଳା ବର୍ଷା ଗୁଡାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳ, ରୋଗୀଙ୍କ ପାଖରେ ଉପସ୍ଥିତ ରହି ଚିକିତ୍ସା ସମୟରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଦୁର୍ଭାଗ୍ୟବଶତଃ, ଚିକିତ୍ସା ଚାଲିଥିବାବେଳେ ରୋଗୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏଭଳି ଅବସ୍ଥାରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଶୋକସନ୍ତପ୍ତ ପରିବାରବର୍ଗ ବିଧାୟକ ଶ୍ରୀ ମନୋହର ରନ୍ଧାରୀଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ରନ୍ଧାରୀ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ପରେ ବୈକୁଣ୍ଠ ପରିବାରବର୍ଗଙ୍କ ପାଖରେ ପହଞ୍ଚି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ସହିତ ମୃତ ଦେହକୁ ଡାକ୍ତରଖାନାରୁ ନବରଙ୍ଗପୁରସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥିଲେ ।

# ପ୍ରଶାନ୍ତଙ୍କ ମୃତଦେହ ହସ୍ପିଟାଲରୁ ନିଜ ଗାଁକୁ ସ୍ଥାନାନ୍ତର

କିଡ଼ନୀ ଜନିତ ରୋଗରେ ପୀଡ଼ିତ କନ୍ଧମାଳସ୍ଥିତ ଦାରିଙ୍ଗିବାଡ଼ିର ୪୫ବର୍ଷିୟ ବାସିନ୍ଦା ପ୍ରଶାନ୍ତ ପାତ୍ରଙ୍କୁ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଚିକିତ୍ସା ସମୟରେ ପ୍ରଶାନ୍ତ ଦୁର୍ଭାଗ୍ୟବଶତଃ, ପ୍ରାଣ ତ୍ୟାଗ କରିଥିଲେ। ସେ ପରିବାରରେ ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ହୋଇଥିବାରୁ ତାଙ୍କର ଦେହାନ୍ତ ହେବା ପରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ଆର୍ଥିକ ଚାପରେ ଥିବା ପରିବାରବର୍ଗ ମୃତଦେହ ସ୍ଥାନାନ୍ତର ନିମନ୍ତେ ଓଡିଶା-ମୋ ପରିବାରର ସାହାଯ୍ୟ ଲୋଡିଥିଲେ।

ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ବିଧାୟକ ଶ୍ରୀ ବିକ୍ରମ ପଣ୍ଡା ଓଡ଼ିଶା-ମୋ ପରିବାରର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥିଙ୍କୁ ପ୍ରଶାନ୍ତଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗିରିଜା ତୁରନ୍ତ ହସ୍ପିଟାଲରେ ପହଞ୍ଚି ପରିବାର ସଦସ୍ୟଙ୍କୁ ଆବଶ୍ୟକୀୟ ସାହାଯ୍ୟ କରିବା ସହିତ ଶ୍ରୀ ପଣ୍ଡାଙ୍କ ସହଯୋଗରେ ମୃତଦେହକୁ ହସ୍ପିଟାଲରୁ କନ୍ଧମାଳସ୍ଥିତ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ସର୍ପାଘାତ ରୋଗୀଙ୍କୁ ସହାୟତା; ସୁସ୍ଥହୋଇ ଫେରିଲେ ଘରକୁ

ବରଗଡର ୩୦ବର୍ଷୀୟ ନିରାକାର ସୁନାଙ୍କୁ ସାପ କାମୁଡ଼ିଥିଲା ଏବଂ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଧିରେନ୍ଦ୍ର ସୁନା ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେବା ସହିତ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଥିଲେ । ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣ ଏବଂ କାଉଣ୍ଟରରୁ ଔଷଧ ପାଇବାରେ ମଧ୍ୟ ତାଙ୍କୁ ସାହାଯ୍ୟ କରିଥିଲେ । ସୌଭାଗ୍ୟବଶତଃ, ଦୁଇଦିନ ଚିକିତ୍ସିତ ହେବା ପରେ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଡିସଚାର୍ଜ ହେବା ପାଇଁ ଫିଟ୍ ଥିଲେ କିନ୍ତୁ ଘରକୁ ଫେରିବା ପାଇଁ ପରିବାର ବର୍ଗଙ୍କ ପାଖରେ ଅର୍ଥର ଅଭାବ ଥିଲା । ଏଥିପାଇଁ ସେ ଧିରେନ୍ଦ୍ରଙ୍କର ସାହାଯ୍ୟ ଲୋଡ଼ିଥିଲେ । ଧିରେନ୍ଦ୍ର, ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ବରଗଡସ୍ଥିତ ତାଙ୍କ ଗ୍ରାମକୁ ଫେରିବା ପାଇଁ ଯାତାୟାତ ବ୍ୟବସ୍ଥା କରାଇଥିଲେ । ଉପଯୁକ୍ତ ସମୟରେ ନିଃସ୍ୱାର୍ଥପର ସେବା ଏବଂ ସେମାନଙ୍କ ଆବଶ୍ୟକ ସମୟରେ ସେମାନଙ୍କ ପାଖରେ ଛିଡ଼ା ହୋଇଥିବାରୁ ପରିବାରବର୍ଗ ଓଡ଼ିଶା-ମୋ ପରିବାର ଏବଂ ହେଲ୍ପଡ଼େସ୍କ ସହଯୋଗୀ ଧୀରେନ୍ଦ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ।


ରୋଗୀଙ୍କୁ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ମୃତଦେହ ସ୍ଥାନାନ୍ତର ପାଇଁ ସହାୟତା ପ୍ରଦାନ



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

କଳାହାଣ୍ଡି ଜିଲ୍ଲା ନିବାସୀ ୩୫ବର୍ଷୀୟା ଶାନ୍ତିଲତା ନାୟକ କଟକରେ ରହି ଦିନ ମଜୁରିଆ ଭାବରେ କାର୍ଯ୍ୟ କରୁଥିଲେ। ସେ ପାଣି ଆଣିବାକୁ ନଈକୁ ଯାଇଥିବା ବେଳେ କୌଣସି ପ୍ରକାରେ ଖସିପଡ଼ି ବୁଡ଼ି ଯାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ କଟକ ବଡ଼ ମେଡ଼ିକାଲକୁ ଅଣାଯାଇଥିଲା। ଦୁର୍ଭାଗ୍ୟବଶତଃ, ସେ ଚିକିତ୍ସିତ ହେଉଥିବାବେଳେ ଅଗଷ୍ଟ ୧୯ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଡାକ୍ତରଖାନାରେ ଶାନ୍ତିଲତାଙ୍କର ଜଣେ ଦୂର ସମ୍ପର୍କୀୟଙ୍କ ବ୍ୟତୀତ ଅନ୍ୟ କୌଣସି ନିଜଲୋକ ତାଙ୍କ ସାଥିରେ ନଥିଲେ।

ଶୋକସନ୍ତପ୍ତ ପରିବାରବର୍ଗ ଆର୍ଥିକ ଚାପରେ ଥିଲେ ଏବଂ ମୃତଦେହକୁ ସ୍ଥାନାନ୍ତର କରିବା ପାଇଁ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କର ସାହାଯ୍ୟ ଲୋଡ଼ିଥିଲେ। ଶ୍ରୀ ସିଂହଦେଓ ଆମର ଜୀବନ ବିନ୍ଦୁ ସଂଯୋଜକ (କଟକ ସହର) ଶ୍ରୀ ରଂଜନ ବିଶ୍ୱାଳଙ୍କ ସହ ଆଲୋଚନା କରିବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା । ଶ୍ରୀ ବିଶ୍ୱାଳ ନିଜେ ଡାକ୍ତରଖାନାରେ ପହଞ୍ଚି ମୃତ ଦେହକୁ କଳାହାଣ୍ଡିସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ



ଗିରିଜା ରୋଗୀଙ୍କ ଭାଇଙ୍କୁ ରକ୍ତ ହସ୍ତାନ୍ତର କରୁଛନ୍ତି

ବ୍ରହ୍ମପୁରର ୩୧ବର୍ଷିୟ ବାସିନ୍ଦା ଗଙ୍ଗା ଦିଗାଲ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା, ରୋଗୀଙ୍କ ପାଖରେ ଉପସ୍ଥିତ ରହି ତାଙ୍କୁ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦେବା ସହିତ ବିରଳ AB-ve ରକ୍ତର ମଧ୍ୟ ବ୍ୟବସ୍ଥା କରିଥିଲେ। ସେ ଗଙ୍ଗାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଥିଲେ ଏବଂ ସୁସ୍ଥ ହେବା ପରେ ତାଙ୍କୁ ନିରାପଦରେ ଘରକୁ ଫେରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ।

ହୃଦ୍ ରୋଗରେ ପୀଡ଼ିତ କେନ୍ଦ୍ରାପଡ଼ା ନିବାସୀ ୫୮ବର୍ଷିୟ ଦାମୋଦର ବେହେରାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା। ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ, ସନ୍ଦୀପ ରଥ ରୋଗୀଙ୍କ ପାଖରେ ଉପସ୍ଥିତ ରହି ସମଗ୍ର ଚିକିତ୍ସା ପ୍ରକ୍ରିୟାରେ ସାହାଯ୍ୟ କରିବା ସହିତ ଅସ୍ତ୍ରୋପଚାର ସମୟରେ ଆବଶ୍ୟକ ଥିବା ବିରଳ A-ve ରକ୍ତର ମଧ୍ୟ ବ୍ୟବସ୍ଥା କରିଥିଲେ ।



ହସ୍ପିଟାଲରେ ରୋଗୀଙ୍କ ପୁଅ ରକ୍ତ ଗ୍ରହଣ କରୁଛନ୍ତି


ହସ୍ପିଟାଲରେ ରୋଗୀଙ୍କ ପୁଅ ରକ୍ତ ଗ୍ରହଣ କରୁଛନ୍ତି

ବାଙ୍କୀ ଅଞ୍ଚଳର ୫୧ବର୍ଷିୟ ବାସିନ୍ଦା ରତ୍ନାକର ଜେନାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଅସ୍ତ୍ରୋପଚାର ସମୟରେ ତାଙ୍କ ପାଇଁ ବିରଳ AB +ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରି ପାରିନଥିଲେ । ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ସାହୁ, ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ହସ୍ପିଟାଲରେ ପହଞ୍ଚି ରୋଗୀଙ୍କୁ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ଏବଂ ଅସ୍ତ୍ରୋପଚାର ସମୟରେ ଆବଶ୍ୟକ ଥିବା ରକ୍ତ ମଧ୍ୟ ଯୋଗାଇ ଦେଇଥିଲେ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସହାୟତା


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ

ହୃଦ୍ ରୋଗରେ ପୀଡ଼ିତ ନବରଙ୍ଗପୁରର ୪୦ବର୍ଷିୟ ବାସିନ୍ଦା ବଳରାମ ହରିଜନଙ୍କୁ ବିଶାଖାପାଟଣାସ୍ଥିତ ଇଣ୍ଡିଗୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ହସ୍ପିଟାଲରେ ପହଞ୍ଚି ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣ ସମୟରେ ସାହାଯ୍ୟ କରିବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ରୋଗୀ ଚିକିତ୍ସିତ ହେଉଥିବା ବେଳେ ମଧ୍ୟ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।

ହୃଦ୍ ରୋଗରେ ପୀଡ଼ିତ କଳାହାଣ୍ଡି ଜିଲ୍ଲା ଚିକିଳି ଅଞ୍ଚଳର ୩୦ବର୍ଷିୟା ମହିଳା ଲକ୍ଷ୍ମୀପ୍ରିୟା ମାଝି ଡାକ୍ତରଙ୍କ ପରାମର୍ଶ ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ।

ତାଙ୍କୁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ହସ୍ପିଟାଲରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ । ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ରେଫର୍ କରାଯିବା ପରେ, ସେଠାରେ ମଧ୍ୟ ହିମାଂଶୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ତାଙ୍କ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁ


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ

ପେଟରେ ପ୍ରବଳ ଯନ୍ତ୍ରଣା ଭୋଗୁଥିବା ମାଲକାନାଗିରିର ୧୦ବର୍ଷର ବାଳିକା ବିଶ୍ୱା ମଣ୍ଡଳଙ୍କୁ ଚିକିତ୍ସା ପାଇଁ ଇଣ୍ଡସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ରୋଗ ଚିହ୍ନଟ ହେବା ପରେ ତାଙ୍କୁ ଆପେଣ୍ଡିସାଇଟ୍ସ ହୋଇଥିବାର ଚିହ୍ନଟ କରାଯାଇଥିଲା ଏବଂ ତୁରନ୍ତ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା। ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ରୋଗୀଙ୍କ ପାଖରେ ଉପସ୍ଥିତ ରହି ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ଯାତାୟାତ ସହାୟତା



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଗଞ୍ଜାମ ଜିଲ୍ଲାର ୪୨ବର୍ଷୀୟ ବିଷ୍ଣୁ ବେହେରାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ଦୁର୍ଭାଗ୍ୟବଶତଃ, ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ହସ୍ପିଟାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥି ଚିକିତ୍ସା ସମୟରେ ରୋଗୀ ଏବଂ ପରିବାରକୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ପରେ, ପରିବାର ସଦସ୍ୟଙ୍କ ଅନୁରୋଧ କ୍ରମେ ଗିରିଜା ହସ୍ପିଟାଲରୁ ସେମାନଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ ।

କଳାହାଣ୍ଡିର ୪୦ବର୍ଷିୟ ବାସିନ୍ଦା ଡମ୍ବରୁଧର ବାଗର୍ତ୍ତୀଙ୍କୁ ଏକ ସାପ କାମୁଡ଼ିଥିବାରୁ, ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।

ଡାକ୍ତରଙ୍କ ପ୍ରବଳ ଉଦ୍ୟମ ସତ୍ତ୍ୱେ ରୋଗୀ ବଞ୍ଚି ପାରିଲା ନାହିଁ । ପରିବାରବର୍ଗ ଅସହାୟ ହୋଇ ମୃତଦେହ ସ୍ଥାନାନ୍ତର ନିମନ୍ତେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁଙ୍କ ସହଯୋଗ ଲୋଡିଥିଲେ। ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ହସ୍ପିଟାଲରେ ଆବଶ୍ୟକୀୟ ଔପଚାରିକତା ପ୍ରକ୍ରିୟାରେ ସାହାଯ୍ୟ କରିବା ସହିତ ମୃତଦେହକୁ ସ୍ଥାନାନ୍ତର ପାଇଁ ମଧ୍ୟ ସହାୟତା ଯୋଗାଇଦେଇଥିଲେ ।



ରୋଗୀଙ୍କୁ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା



ରୋଗୀଙ୍କୁ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

କିଡ଼ନୀ ସମ୍ବନ୍ଧୀୟ ରୋଗରେ ପୀଡ଼ିତ ମୟୂରଭଞ୍ଜ, ଉଦଳା ଅଞ୍ଚଳର ୭୨ବର୍ଷୀୟ ପ୍ରଭାକର କାମିଲାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ରେଫର୍ କରାଯାଇଥିଲା ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ମୃତ୍ୟୁଞ୍ଜୟ, ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ଏବଂ ପରେ ରୋଗୀଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିବା ସହିତ କଟକ ବଡ଼ ମେଡ଼ିକାଲରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀଙ୍କୁ ପରବର୍ତ୍ତୀ ସହାୟତା ଯୋଗାଇ ଦେବା ପାଇଁ ସଂଯୋଜନା କରିଥିଲେ ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସହାୟତା



ଏକ ମାସ ପୂର୍ବରୁ, କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳ ନିଜ ଡ୍ୟୁଟି ସାରି ଘରକୁ ଫେରୁଥିବା ସମୟରେ ଜଣେ ଅସହାୟ ରୋଗୀଙ୍କୁ ଦେଖି ପଚାରି ବୁଝିବାରୁ ଜଣା ପଡିଥିଲା, ରୋଗୀ ତାଙ୍କ ମେରୁଦଣ୍ଡରେ ଦୀର୍ଘ ଦିନ ଧରି ଯନ୍ତ୍ରଣା ଭୋଗୁଥିଲେ ଏବଂ ସଠିକ୍ ଭାବରେ ଚାଲି ପାରୁନଥିଲେ, ଯେଉଁଥିପାଇଁ ତାଙ୍କୁ ନିତମ୍ବ ଗଣ୍ଠି ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା । ବୈକୁଣ୍ଠ, ରୋଗୀଙ୍କୁ ହସ୍ପିଟାଲରେ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଶେଷରେ, ଅସ୍ତ୍ରୋପଚାର ସଫଳ ହୋଇଥିଲା ଏବଂ ରୋଗୀ ଦୀର୍ଘ ବର୍ଷ ପରେ ଚାଲି ପାରୁଥିବାରୁ ତାଙ୍କ ଖୁସିର ସୀମା ନଥିଲା ଏହି ଖବର ଗଣମାଧ୍ୟମରେ ଘୁରି ବୁଲିବା ପରେ ଜଗନ୍ନାଥ ଗଡ଼ବା (୨୮ବର୍ଷ) ନାମକ ଅନ୍ୟ ଜଣେ ରୋଗୀ ସମାନ ରୋଗରୁ ମୁକ୍ତି ପାଇବା ଆଶାରେ ଡାକ୍ତରଖାନାରେ ପହଞ୍ଚିଥିଲେ ।

ବୈକୁଣ୍ଠ ରୋଗୀଙ୍କ ପାଖରେ ଉପସ୍ଥିତ ଥିଲେ କିନ୍ତୁ ତାଙ୍କୁ ସ୍ନାୟୁ ସମ୍ବନ୍ଧୀୟ ରୋଗରେ ଆକ୍ରାନ୍ତ ହୋଇଥିବାର ଜଣା ପଡ଼ିବା ପରେ ପରବର୍ତ୍ତୀ ଚିକିତ୍ସା ପାଇଁ ଏମ୍ସ ହସ୍ପିଟାଲ ରେଫର୍ କରାଯାଇଥିଲା । ରୋଗୀ ଆର୍ଥିକ ଚାପରେ ଥିଲେ ଏବଂ ଏହା ଜାଣିବା ପରେ ବୈକୁଣ୍ଠ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଜରିଆରେ କିଛି ଅର୍ଥ ପାଇବା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ସେ ରୋଗୀଙ୍କୁ ଚଳପ୍ରଚଳ କରିବା ପାଇଁ ଏକ ଟ୍ରାଇସାଇକେଲ୍ ପ୍ରଦାନ କରିଥିଲେ। ଚିକିତ୍ସା ପାଇଁ ଆଡମିଶନ ହେବା ପରେ ରୋଗୀଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବାକୁ ବୈକୁଣ୍ଠ, ଏମ୍ସରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ।



## ଓଡ଼ିଶା-ମୋ ପରିବାର ଆନୁକୂଲ୍ୟରେ

# ଚକ୍ଷୁ ପରୀକ୍ଷା ଶିବିର

ଗତ ଅଗଷ୍ଟ ୧୭ ତାରିଖରେ ଓଡ଼ିଶା-ମୋ ପରିବାର ଏବଂ ଏଲ୍.ଭି.ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍, ପଟିଆ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଅନ୍ତର୍ଗତ ବି.ଡ଼ି.ଏ କଲୋନୀ, କମ୍ୟୁନିଟି ହଲ୍ ରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ସକାଳ ୮ଟା ରୁ ଆରମ୍ଭ ହୋଇ ଏହି ଶିବିରରେ ଚକ୍ଷୁ ବିଭାଗର ଡାକ୍ତରମାନେ ପ୍ରାୟ ୮୦ଜଣଙ୍କର ଚକ୍ଷୁ ପରୀକ୍ଷା କରିଥିଲେ । ଏହି ଶିବିରରେ ମୋତିଆବିନ୍ଦୁ, କଳା ମୋତିଆବିନ୍ଦୁ, ଗ୍ଲୁକୋମା, ଦୃଷ୍ଟି ଦୋଷ ଯଥା- ସମିପ, ଦୂର ଏବଂ ବକ୍ର ଦୃଷ୍ଟି ଦୋଷ ନିରୂପଣ କରାଯାଇ ସେମାନଙ୍କ ଚଷମାର ନମ୍ବର ଆଦି ପରୀକ୍ଷା କରାଯାଇଥିଲା । ପରୀକ୍ଷା ପରେ, ୨୫ଜଣ ବ୍ୟକ୍ତି ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ହୋଇଥିବା ବେଳେ ୪୬ଜଣ ବ୍ୟକ୍ତିଙ୍କୁ ଚଷମା ଆବଶ୍ୟକ ଥିବାର ଚିହ୍ନଟ କରାଯାଇଥିଲା । ଏହି ରୋଗୀମାନଙ୍କୁ ଏଲ୍.ଭି.ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ ରେ ସଂପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି । ଏହାଛଡ଼ା ଯେଉଁମାନଙ୍କ ଚଷମା ଏବଂ ଆଇ ଡ୍ରପ୍ ଆବଶ୍ୟକତା ଅଛି ସେମାନଙ୍କୁ ଚଷମା ଏବଂ ଆଇ ଡ୍ରପ୍ ମଧ୍ୟ ବଣ୍ଟନ କରାଯିବ । ଓଡ଼ିଶା-ମୋ ପରିବାର ପକ୍ଷରୁ ଶିବିରରେ ଉପସ୍ଥିତ ଥିବା ଦୁଇଜଣ ଅସହାୟ ଭିନ୍ନକ୍ଷମ ବ୍ୟକ୍ତି, ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯିବା ସହିତ ଅନ୍ୟ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ହିତାଧିକାରୀ ଖୁସିରେ ବିଭୋର ହେବା ସହିତ ସ୍ଥାନୀୟ ବାସିନ୍ଦା ଏହି କାର୍ଯ୍ୟକୁ ଭୂରି ଭୂରି ପ୍ରଶଂସା କରିଥିଲେ ।



# ଆପାତକାଳରେ ରକ୍ତଦାନ



ହେଲ୍ପଡ଼େସ୍କ ସହଯୋଗୀ ବିଶ୍ୱ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଅସ୍ତ୍ରୋପଚାର ହେବାକୁ ଥିବା ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼ କରିଛନ୍ତି।



ହେଲ୍ପଡ଼େସ୍କ ସହଯୋଗୀ ଆଲୋକ କ୍ୟାପିଟାଲ ହସ୍ପିଟାଲରେ ଅସ୍ତ୍ରୋପଚାର ହେବାକୁ ଥିବା ଜଣେ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼ କରିଛନ୍ତି ।



ହେଲ୍ପଡ଼େସ୍କ ସହଯୋଗୀ ଜ୍ୟୋତି, କ୍ୟାପିଟାଲ ହସ୍ପିଟାଲରେ ଜଣେ କର୍କଟ ପୀଡ଼ିତ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼ କରିଛନ୍ତି ।



ହେଲ୍ପଡ଼େସ୍କ ସହଯୋଗୀ ଶିବ, ସମ୍ ହସ୍ପିଟାଲରେ ଜଣେ କର୍କଟ ପୀଡ଼ିତ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼ କରିଛନ୍ତି ।



ଓଡ଼ିଶା-ମୋ ପରିବାର ପକ୍ଷରୁ ଭୁବନେଶ୍ୱର, ଏମ୍ସରେ ଜଣେ ରକ୍ତ କର୍କଟ ପୀଡ଼ିତ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼ କରାଯାଇଛି ।



ଓଡ଼ିଶା-ମୋ ପରିବାର ପକ୍ଷରୁ ଆପୋଲୋ ହସ୍ପିଟାଲରେ ଜଣେ କିଡ଼ନୀ ରୋଗୀଙ୍କ ପାଇଁ ରକ୍ତଦାତା ଯୋଗାଡ଼ କରାଯାଇଛି ।



ଓଡ଼ିଶା-ମୋ ପରିବାର ପକ୍ଷରୁ ଆପୋଲୋ ହସ୍ପିଟାଲରେ ଜଣେ  ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତଦାତା ଯୋଗାଡ଼ କରାଯାଇଛି ।



କ୍ୟାପିଟାଲ ହସ୍ପିଟାଲରେ ଜଣେ ଡେଙ୍ଗୁ ରୋଗୀଙ୍କ ପାଇଁ ଜୟ ଓଡ଼ିଶାର ସ୍ୱେଚ୍ଛାସେବୀ ତାପସ ସାହୁ ରକ୍ତ ଦାନ କରିଛନ୍ତି ।



କ୍ୟାପିଟାଲ ହସ୍ପିଟାଲରେ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ହେଲ୍ପଡ଼େସ୍କ ସହଯୋଗୀ ଜ୍ୟୋତି ରକ୍ତଦାତା ଯୋଗାଡ଼ କରିଛନ୍ତି ।





କ୍ୟାପିଟାଲ ହସ୍ପିଟାଲରେ ଜଣେ ରକ୍ତ ହୀନତା ରୋଗୀଙ୍କ ପାଇଁ ହେଲ୍ପଡ଼େସ୍କ ସହଯୋଗୀ ଜ୍ୟୋତି ରକ୍ତଦାତା ଯୋଗାଡ଼ କରିଛନ୍ତି ।

# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡିଶା-ମୋ ପରିବାର, 'ଜୀବନବିନ୍ଦୁ' ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ବ୍ଲଡ଼ ବ୍ୟାଙ୍କରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ବ୍ଲଡ଼ ବ୍ୟାଙ୍କଗୁଡିକର କ୍ଷମତା, ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ବିଚାରକୁ ନେଇ ଅଗଷ୍ଟ ମାସରେ ସମୁଦାୟ **୯୪୬୦** ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।




District wise Blood Collection (in units)




## ଶ୍ରେଷ୍ଠ ପ୍ରଦର୍ଶନକାରୀ

### ଜିଲ୍ଲା ସଂଯୋଜକ

**ଅଗଷ୍ଟ ୨୦୨୩**



ଶ୍ରୀ ସୁବାସ ମହାରଣା

**୧୭୮୫ ୟୁନିଟ୍**



ଶ୍ରୀ କୁନ ବିହାରି ଦାସ

**୧୪୯୬ ୟୁନିଟ୍**



ଶ୍ରୀ ରଞ୍ଜନ ବିଶ୍ୱାଳ

**୧୦୪୮ ୟୁନିଟ୍**

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ସଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ଅଗଷ୍ଟ ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ ୨୦୦ ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ ୨୨ ଜଣଙ୍କୁ ଦୁର୍ଲଭ ରକ୍ତ ଯୋଗାଇ ଦିଆଯାଇଛି ।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| ୧ | ଶ୍ୱେତପଦ୍ମା ମହାପାତ୍ର | ୩୩ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ପୁରୀ |
| ୨ | ବିଜୟ ଲକ୍ଷ୍ମୀ ବେହେରା | ୩୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୩ | କୁନି ଜେନା | ୨୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭଦ୍ରକ |
| ୪ | ସତ୍ୟଭାମା ତ୍ରିପାଠୀ | ୫୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ପୁରୀ |
| ୫ | ଗଙ୍ଗା ଦିଗଲ | ୩୧ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB- | ବ୍ରହ୍ମପୁର |
| ୬ | କାଳିଆ ବେହେରା | ୬୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୭ | ଅରୁଣ ଭୂୟାଁ | ୫୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୮ | ଦିନବନ୍ଧୁ ପ୍ରଧାନ | ୬୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୯ | ସସ୍ମିତା ଭୋଇ | ୪୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୦ | ପ୍ରମିଳା ଦାସ | ୭୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୧ | ସାକ୍ଷଦୀପ ପଣ୍ଡା | ୩୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ବାଲେଶ୍ୱର |
| ୧୨ | ନବୀନ ବାତ୍ରା | ୩୩ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ନବରଙ୍ଗପୁର |
| ୧୩ | ଦାମୋଦର ବେହେରା | ୫୮ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | କେନ୍ଦ୍ରାପଡ଼ା |
| ୧୪ | ବିବେକାନନ୍ଦ ପାଣିଗ୍ରାହୀ | ୪୮ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୧୫ | ରମେଶ ଚନ୍ଦ୍ର ଦାସ | ୫୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |
| ୧୬ | ରାଜୀବ ସାହୁ | ୬୧ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ରାଉରକେଲା |
| ୧୭ | ବିଦ୍ୟାଧର ନାୟକ | ୬୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ବାଲେଶ୍ୱର |
| ୧୮ | ସୁବ୍ରତ ନାୟକ | ୪୬ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୯ | ଜିତେନ୍ଦ୍ର ସାହୁ | ୪୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୨୦ | ଅନିଲ ଗୌଡ଼ | ୨୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଗଞ୍ଜାମ |

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ । ସେମାନଙ୍କ ମଧ୍ୟରୁ, ଅନ୍ତନଳୀ କର୍କଟ ରୋଗରେ ପୀଡ଼ିତ ନୀଳମଣି ଦୀପ୍, ଗଳା କର୍କଟ ରୋଗରେ ପୀଡ଼ିତ ପଙ୍କଜ ପରେଖ ଏବଂ ସ୍ତନ କର୍କଟ ରୋଗରେ ପୀଡ଼ିତ ଯସ୍ମିନ ନିଗର ସୁଲତାନାଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ନୂତନ ପଞ୍ଜିକରଣ, ଡାକ୍ତରଙ୍କ ପରାମର୍ଶ ଏବଂ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣରେ ସାହାଯ୍ୟ କରାଯାଇଛି।

ଗତ ଅଗଷ୍ଟ ମାସରେ ଓଡ଼ିଶା-ମୋ ପରିବାର ୩୬ଜଣ କର୍କଟ ରୋଗୀଙ୍କୁ ସହାୟତା ଯୋଗାଇ ଦେଇଥିଲା । ଯେଉଁମାନଙ୍କ ମଧ୍ୟରୁ ୧୫ଜଣ କର୍କଟ ରୋଗୀଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା ଏବଂ ୩ ଜଣ ରୋଗୀଙ୍କୁ ଆମ ହେଲ୍ପଡ଼େସ୍କ ସହଯୋଗୀ ଅନଲାଇନ ମାଧ୍ୟମରେ ଦ୍ୱିତୀୟ ପରାମର୍ଶ ନେବାରେ ସାହାଯ୍ୟ କରିଥିଲେ । ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।

## ଅଗଷ୍ଟ ମାସର ଶ୍ରେଷ୍ଠ କର୍ମଚାରୀ

### ଚିତ୍ତ ରଞ୍ଜନ ମିଶ୍ର



ପ୍ରଶଂସା ଏବଂ ସ୍ୱୀକୃତି ପ୍ରଦାନ ହେଉଛି କାର୍ଯ୍ୟ ଏବଂ କାର୍ଯ୍ୟ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏହାକୁ ଧ୍ୟାନରେ ରଖି ଓଡିଶା-ମୋ ପରିବାର ପ୍ରତ୍ୟେକ ମାସରେ ଏହାର କର୍ମଚାରୀମାନଙ୍କ ଦ୍ୱାରା ସଂପାଦନ କରାଯାଇଥିବା କାର୍ଯ୍ୟର ପ୍ରୟାସକୁ ପ୍ରଶଂସା କରିଥାଏ ।

ଚିତ୍ତ ରଞ୍ଜନ ମିଶ୍ରଙ୍କୁ ଗତ ମାସର ଶ୍ରେଷ୍ଠ କର୍ମଚାରୀ ଭାବରେ ବିବେଚିତ କରାଯାଇଛି । ସେ ପ୍ରତି ମାସରେ ଧାର୍ଯ୍ୟ ରକ୍ତ ସଂଗ୍ରହ ହାସଲ କରିବା ପାଇଁ ଜୀବନ ବିନ୍ଦୁ ସଂଯୋଜକମାନଙ୍କ ସହ ସମନ୍ୱୟ ରକ୍ଷା କରିବା ସହିତ ଅଭାବୀ ରୋଗୀଙ୍କ ପାଇଁ ଜରୁରୀକାଳୀନ ସମୟରେ ରକ୍ତଦାତା ଯୋଗାଡ଼ କରିବାରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ନିଜର ସ୍ୱାସ୍ଥ୍ୟ ଖରାପ ଥିବା ସତ୍ତ୍ୱେ ଏହି ମାସରେ ସେ ଏହି ପ୍ରକ୍ରିୟା ତ୍ୱରାନ୍ୱିତ କରିଥିଲେ।

## ଅଗଷ୍ଟ ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

### ଜ୍ୟୋତି ରଞ୍ଜନ ପ୍ରଧାନ




ରାଜ୍ୟର ପ୍ରମୁଖ ଡାକ୍ତରଖାନା ଗୁଡ଼ିକରେ ଅବସ୍ଥାପିତ ହେଲ୍ପଡେସ୍କ ସହଯୋଗୀ ମାନେ ହେଉଛନ୍ତି ସଂଗଠନର ଆଗଧାଡ଼ିର କର୍ମଚାରୀ, ଯେଉଁମାନେ ଡାକ୍ତରଖାନା ଗୁଡିକରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରି ସଂଗଠନର ଦୃଷ୍ଟିକୋଣ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ବ୍ୟତୀତ ସେମାନେ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କୁ ସେମାନଙ୍କ କଠିନ ସମୟରେ ନୈତିକ ସହାୟତା ପ୍ରଦାନ କରନ୍ତି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଥିବା ହେଲ୍ପଡେସ୍କ ସହଯୋଗୀ ଜ୍ୟୋତି ରଞ୍ଜନ ପ୍ରଧାନଙ୍କୁ ଗତମାସର "ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ" ଭାବରେ ବିବେଚିତ କରାଯାଇଛି।

# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ


ପୂର୍ବରୁ


ପରେ

**୧** ରାୟଗଡ଼ା ଜିଲ୍ଲାର ୩୨ବର୍ଷିୟ କେଶବ ନାୟକ କେରଳର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ଏକଦା କାମ କରୁଥିବା ବେଳେ ଦୁର୍ଭାଗ୍ୟବଶତଃ, ତାଙ୍କ ଡ଼ାହାଣ ହାତ ମେସିନରେ କଟି ଗଭୀର ଆଘାତ ଲାଗିଥିଲା । କ୍ଷତ ଭଲ ନ ହେବାରୁ ତାଙ୍କ ହାତ କଟା ହୋଇଯାଇଥିଲା ।

ସେ ପୂର୍ବରୁ କେବେହେଲେ କୃତ୍ରିମ ହାତ ବ୍ୟବହାର କରି ନଥିଲେ । ଗଣମାଧ୍ୟମରୁ କେଶବଙ୍କ ସମ୍ପର୍କରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାରର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟ ଖବର ପାଇବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ତାଙ୍କୁ କୃତ୍ରିମ ହାତ ଯୋଗାଇ ଦିଆଯାଇଥିଲା ।

ହାତ ଲାଗିବା ପରେ, ସେ ଖୁସି ହୋଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଧନ୍ୟବାଦ ଜଣାଇଥିଲେ।

---

**୨** କଟକ ଜିଲ୍ଲାର ୩୧ବର୍ଷିୟ ଅବଦୁଲ ଅଜିତ ଜଣେ ମେକାନିକ ଭାବରେ କାମ କରି ଗୁଜୁରାଣ ମେଣ୍ଟାଉଥିଲେ । ୨୦୨୨ମସିହା ଜୁନ ମାସରେ ସେ ଗାଡ଼ି ଚଲାଇ ଯାଉଥିବା ବେଳେ ଏକ ଟ୍ରକ ତାଙ୍କୁ ଆସି ଧକ୍କା ଦେଇଥିଲା । ସେ ଗୁରୁତର ଭାବେ ଆହତ ହୋଇଥିଲେ ଏବଂ ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିଲା । ସେ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିଲେ ମଧ୍ୟ ଡାକ୍ତରଙ୍କ ଉଦ୍ୟମ ସତ୍ତ୍ୱେ ତାଙ୍କ ହାତ ଭଲ ନ ହେବାରୁ ଦୁର୍ଭାଗ୍ୟବଶତଃ, ହାତ କାଟି ଦିଆଯାଇଥିଲା।

ତାଙ୍କର ଜଣେ ବନ୍ଧୁ ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ସମ୍ପର୍କରେ ଖବର ପାଇବା ପରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାରର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଯୋଗାଯୋଗ କରିଥିଲେ ।

ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ତାଙ୍କୁ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା । ଗୋଡ଼ ଲାଗିବା ପରେ, ସେ ଖୁସି ହୋଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଧନ୍ୟବାଦ ଜଣାଇଥିଲେ ।


ପୂର୍ବରୁ



ପରେ

# ଜୀବନବିନ୍ଦୁ ରକ୍ତଦାନ ଶିବିର


ଗଞ୍ଜାମ


ଅନୁଗୋଳ


କଟକ


ବାଲେଶ୍ୱର


ବରଗଡ଼


ମୟୂରଭଞ୍ଜ


କେନ୍ଦୁଝର


ଢେଙ୍କାନାଳ


ଯାଜପୁର


ସମ୍ବଲପୁର


କେନ୍ଦ୍ରାପଡ଼ା


ଝାରସୁଗୁଡ଼ା

# ଜୀବନବିନ୍ଦୁ ରକ୍ତଦାନ ଶିବିର


ଭଦ୍ରକ


ବଲାଙ୍ଗିର


ମାଲକାନଗିରି


କଳାହାଣ୍ଡି


ଭୁବନେଶ୍ୱର


ସୁନ୍ଦରଗଡ଼


ଦେବଗଡ଼


ବୌଦ୍ଧ


ପୁରୀ


ରାଉରକେଲା


ସୁବର୍ଣ୍ଣପୁର


ଗଜପତି

# ସାମାଜିକ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର

**Debashish Samantaray**
@debashish_mla · Follow

ବାରବାଟୀ କଟକ ବିଜୁ ଜନତା ଦଳ ଏବଂ ଓଡ଼ିଶା ମୋ ପରିବାର ପକ୍ଷରୁ ଟାଉନ ହଲ ଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ରେ ଯୋଗଦେବା ଅବସରରେ।



5:09 PM · Aug 30, 2023

32 Reply Share

Read more on Twitter

**Biju Janata Dal**
@bjd_odisha · Follow

ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ବିଡିଏ କଲୋନୀ କମ୍ୟୁନିଟି ହଲଠାରେ @MoParivarOdisha ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ @Naveen_Odisha ଙ୍କ ଆହ୍ୱାନକ୍ରମେ ମହତ ଉଦ୍ଦେଶ୍ୟ ନେଇ ଓଡ଼ିଶା-ମୋ ପରିବାର ସଦସ୍ୟ ଲୋକଙ୍କ ସେବାରେ ନିୟୋଜିତ ରହିଛନ୍ତି। #OdishaCares ସୌ-ସକାଳ

## 'ଓଡ଼ିଶା-ମୋ ପରିବାର' ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

**● ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହ୍ୱିଲ୍ ଚେୟାର ଓ ଶ୍ରବଣ ଯନ୍ତ୍ର ପ୍ରଦାନ**

ଭୁବନେଶ୍ୱର,୧୭।୮ (ସମିସ) 'ଓଡ଼ିଶା-ମୋ ପରିବାର' ଏବଂ ଏଲ୍.ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍‌ର ମିଳିତ ଆନୁକୂଲ୍ୟରେ ବିଡିଏ କଲୋନୀ କମ୍ୟୁନିଟି ହଲ୍‌ରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଚକ୍ଷୁ ବିଭାଗର ଡାକ୍ତରମାନେ ପ୍ରାୟ ୮୦ ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରରେ ମୋତିଆବିନ୍ଦୁ, କଳା ମୋତିଆବିନ୍ଦୁ, ଗ୍ଲୁକୋମା, ଦୃଷ୍ଟି ଦୋଷ ଯଥା- ସମିପ, ଦୂର ଏବଂ ବକ୍ର ଦୃଷ୍ଟିଦୋଷ ନିରୂପଣ କରାଯାଇ ସେମାନଙ୍କ ଚଷମାର ନମ୍ବର ଆଦି ପରୀକ୍ଷା କରାଯାଇଥିଲା। ପରୀକ୍ଷା ପରେ ବିଶେଷକରି ମୋତିଆବିନ୍ଦୁ, କଳା ମୋତିଆବିନ୍ଦୁ ଚିହ୍ନଟ ରୋଗୀମାନଙ୍କୁ ଏଲ୍.ଭି.ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। ଏହାସହ ଯେଉଁମାନଙ୍କ ଚଷମା ଏବଂ ଆଇ ଡ୍ରପ୍ ଆବଶ୍ୟକତା ଅଛି ସେମାନଙ୍କୁ ବଣ୍ଟନ କରାଯିବ ବୋଲି 'ଓଡ଼ିଶା-ମୋ ପରିବାର' ଆବାହକ ସୂଚନା ଦେଇଛନ୍ତି। ଏହି ଅବସରରେ 'ଓଡ଼ିଶା-ମୋ ପରିବାର' ପକ୍ଷରୁ ଶିବିରରେ ଉପସ୍ଥିତ ଥିବା ଦୁଇଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ୍ ଚେୟାର ଓ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ 'ଓଡ଼ିଶା-ମୋ ପରିବାର' ଆବାହକ ଅରୂପ ପଟ୍ଟନାୟକ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ପ୍ରଧାନ, 'ଓଡ଼ିଶା-ମୋ ପରିବାର' ସମ୍ପାଦକ ଦୁର୍ଗା ସାମନ୍ତରାୟ ଓ ସମ୍ପାଦିକା ମୀରା ପରିଡ଼ା, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କ ସମେତ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଆମ୍ବ୍ରିସନ ୟୁଥ୍ କ୍ଲବ୍‌ର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।




**Sujeet Kumar**
@SujeetKOfficial · Follow

Feel happy & proud having donated blood today in the blood donation camp, at Kalahandi University, organized by @MoParivarOdisha on the eve of our #IndependenceDay .

I urge all who are able to donate blood to kindly do so. It is our national & patriotic duty.



12:44 PM · Aug 14, 2023

45 Reply Share

Read 7 replies

**Biju Janata Dal**
@bjd_odisha · Follow

ଆଫ୍ରିକାରେ ପ୍ରାଣ ହରାଇଥିବା ଗଞ୍ଜାମ ଖଲିକୋଟ ସହରର ବଳରାମ ପ୍ରଧାନଙ୍କ ପରିବାରକୁ 'ଓଡ଼ିଶା-ମୋ ପରିବାର' ସାହା ହୋଇଛି। @MoparivarOdisha ର ଉଦ୍ୟମ ଫଳରେ ତାଙ୍କ ମୃତ ଦେହକୁ ଭୁବନେଶ୍ୱରରୁ ପୈତୃକ ବାସଭବନକୁ ପଠାଯାଇଛି। ଅସହାୟ ଲୋକଙ୍କ ସେବାରେ ସଦା ପ୍ରତିବଦ୍ଧ ଥିବା ଓଡ଼ିଶା-ମୋ ପରିବାର ସହାୟତାର ଅନନ୍ୟ ଉଦାହରଣ ସୃଷ୍ଟି କରିଛି।... Show more



ଆଫ୍ରିକାରୁ ଓଡ଼ିଶା ଫେରିଲା ବଳରାମଙ୍କ ମୃତଶରୀର

ଆଫ୍ରିକାରୁ ବଳରାମଙ୍କ ମୃତଦେହ ଫେରିଲା

ଆଫ୍ରିକାରୁ ଫେରିଲା ବଳରାମଙ୍କ ମୃତଦେହ

ଆଫ୍ରିକାରୁ ଓଡ଼ିଶା ଫେରିଲା ବଳରାମଙ୍କ ମୃତଶରୀର

bijujanatadalodisha · bjd_odisha · bijujanatadal_odisha

2:58 PM · Aug 11, 2023

84 Reply Share

Read 9 replies

# ଆପଣଙ୍କ ମୁହଁରୁ

ମୁଁ ପାକସ୍ଥଳୀ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସା ନିମନ୍ତେ ବିଶାଖାପାଟଣାସ୍ଥିତ ମହାତ୍ମା ଗାନ୍ଧୀ କ୍ୟାନ୍ସର ହସ୍ପିଟାଲରେ ଭର୍ତ୍ତି ହୋଇଥିଲି । ମୁଁ ପ୍ରକାଶଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏକି ହସ୍ପିଟାଲରେ ମତେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜ ପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।



କୁମାରୀ ନାୟକ
ବ୍ରହ୍ମପୁର, 99382096932

ମୁଁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିକିତ୍ସା ନିମନ୍ତେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଭର୍ତ୍ତି ହୋଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବୈକୁଣ୍ଠଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏକି ହସ୍ପିଟାଲରେ ଜରୁରୀକାଳୀନ ଚିକିତ୍ସା ପାଇବାରେ ସାହାଯ୍ୟ କରିଥିଲେ ।



ସୁକେଇ ଗୋଣ୍ଡ
କୋରାପୁଟ, 8018539945

ମୁଁ ମୋର ଜଣେ ସମ୍ପର୍କୀୟଙ୍କ ଗୋଡ଼ ଅସ୍ତ୍ରୋପଚାର କରାଇବା ପାଇଁ କ୍ୟାପିଟାଲ ହସ୍ପିଟାଲ ନେଇକି ଯାଇଥିଲି । ସେଠାରେ ତାଙ୍କ ଚିକିତ୍ସା ଚାଲିଥିବା ସମୟରେ ଜରୁରୀ ରକ୍ତର ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଆଲୋକଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ ।



ପିୟୁଷ ସିଂ
ଭୁବନେଶ୍ୱର, 9348059476

ମୁଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏକି ହସ୍ପିଟାଲରେ ମୋତେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେବା ସହିତ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ମଧ୍ୟ ସାହାଯ୍ୟ କରିଥିଲେ ।



ଦେବକୀ ସୁନାନୀ
ଭବାନୀପାଟଣା, 9348766738

ବିରଳ AB+veରକ୍ତର ଜରୁରୀ ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଗିରିଜାଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ମୋତେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେବା ସହିତ ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ ।



ବୁଲୁ ବେହେରା
ବ୍ରହ୍ମପୁର, 9861386636

ମୁଁ ମୋ ମା'ଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ନେଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୋମନାଥଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ମୋତେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ।



ଚିଟୁ ବେହେରା
ଭୁବନେଶ୍ୱର, 9776881932

ଓଡ଼ିଶା-ମୋ ପରିବାର ପକ୍ଷରୁ ପଡିଥିବା ଚକ୍ଷୁ ପରୀକ୍ଷା ଶିବିରକୁ ମୁଁ ମୋ ବାପାଙ୍କୁ ନେଇଥିଲି । ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଉଛି, ଯାହାଙ୍କ ପାଇଁ ଅନେକ ଅସହାୟ ବ୍ୟକ୍ତିମାନେ ସୁବିଧାରେ ନିଜ ଚକ୍ଷୁ ପରୀକ୍ଷା କରି ପାରୁଛନ୍ତି ।



ସୁରେଶ ପାତ୍ର
ଭୁବନେଶ୍ୱର, 9124105483

ମୋ ଭଉଣୀ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲା । ମୁଁ ସନ୍ଦୀପଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋ ଭଉଣୀର ମୃତଦେହ ହସ୍ପିଟାଲରୁ କଳାହାଣ୍ଡିସ୍ଥିତ ଆମ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ।



ଅଭିଷେକ ଆଚାର୍ଯ୍ୟ
ଧର୍ମଗଡ଼, 8249832350

ମୋର ଆଣ୍ଠୁରେ ଯନ୍ତ୍ରଣା ହେଉଥିବାରୁ ମୁଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲକୁ ଯାଇଥିଲି । ମୋତେ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଶୁଭମ୍ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିବା ସହିତ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣ ଏବଂ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି ।



ଯମୁନା ମହନ୍ତ
ମୟୂରଭଞ୍ଜ, 7847828612

ମୁଁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲି, ଯେଉଁଠାରେ ମୋ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଦୁର୍ଭାଗ୍ୟବଶତଃ, ମୋ ଗୋଡ଼ କଟା ହୋଇଯାଇଥିଲା ଏବଂ ଚଳ ପ୍ରଚଳ ପାଇଁ ମୋତେ ଗୋଟେ କୃତ୍ରିମ ଗୋଡ଼ ଦରକାର ଥିଲା । ମୁଁ ଓଡ଼ିଶା-ମୋ ପରିବାର ଏବଂ ହେଲ୍ପଡ଼େସ୍କ ସହଯୋଗୀ ଜ୍ୟୋତିକୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ଏ.ଆର୍.ସି ମାଧ୍ୟମରେ ମୋତେ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେଲେ ।



ପବିତ୍ର ଦାଶ
ଭୁବନେଶ୍ୱର, 9692787601

## ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ

# ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### ଜୱାନଙ୍କୁ ସହାୟତା

ପ୍ରତିରକ୍ଷା ସେବା ତଥା ରାଜ୍ୟ ବାହାରେ ପୋଷ୍ଟିଂ ହୋଇଥିବା ସାମରିକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମ୍ମୁଖୀନ

ବର୍ଷା ରାଉତରାୟ 8260112415
ଶ୍ରଦ୍ଧା ସୁଚିସ୍ମିତା 7978260364

### ପରିବେଶ ସୁରକ୍ଷା

ବୃକ୍ଷରୋପଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା

ବର୍ଷା ରାଉତରାୟ 8260112415

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟାଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ବୃତ୍ତିଗତ ପରାମର୍ଶ ଓ ଦିଗଦର୍ଶନ

ବୃତ୍ତିଗତ ସୁଯୋଗ କ୍ଷେତ୍ରରେ ଆଶାୟୀ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଓ ଦିଗ୍-ଦର୍ଶନ ପ୍ରଦାନ କରିବା

ବର୍ଷା ରାଉତରାୟ 8260112415
ମନସ୍ୱିନୀ ଦାଶ 8917400700

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଳ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

NRO

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## ସ୍ୱାସ୍ଥ୍ୟସେବା

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫

**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬

**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧

**ଏମସ୍, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭

**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭

**ଡି.ଏଚ୍.ଏଚ୍. ଭବାନୀପାଟଣା**
ରୋଜାଲିନ ପଣ୍ଡା - ୭୭୪୯୦୩୦୪୭୦
ହିମାଂଶୁ ନାୟକ - ୯୧୭୮୭୨୧୧୯୭

**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭

**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩

**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦
ନରେନ୍ଦ୍ର ସୁନା- ୯୩୩୭୯୫୯୬୩୪

**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫

**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ଏଫ୍.ଏମ୍.ଏମ୍.ସି.ଏଚ୍.,ବାଲେଶ୍ୱର**
ମୃତ୍ୟୁଞ୍ଜୟ ମହାରଣା-୭୯୭୮୫୬୨୩୬୫

**ପି.ଆର୍.ଏମ୍.ଏମ୍.ସି.ଏଚ୍, ବାରିପଦା**
ଶୁଭମ୍ ଭଞ୍ଜ - ୮୯୧୭୩୬୧୫୪୫

**ଅଫିସ୍ ସଂଯୋଜକ**
ମନସ୍ୱିନୀ ଦାଶ - 8917400700

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତ୍ରିକା 9937699051
ମାନସୀ ରାୟ 9078151969

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999
ଚିତ୍ତ ରଂଜନ ମିଶ୍ର 8917400701

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ 7504986342
ରଜତ ଅଗ୍ରୱାଲ 9437067999

## ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ 8917400700